ଗ୍ରାମୀଣ କୃଷି ମୌସମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ
ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର , ଭବାନୀପାଟଣା, କଳାହାଣ୍ଡି
(ପଶ୍ଚିମ-ପାହାଡ଼ିଆ କୃଷି ଜଳବାୟୁ ଅଞ୍ଚଳ)


**ପତ୍ର ସଂ–୨୫/୨୦୨୬ ସପ୍ତାହ-୧୩ ଶୁକ୍ରବାର, ତାରିଖ-୨୭.୦୩.୨୦୨୬**

**ଭବାନୀପାଟନା କୃଷିପାଣିପାଗ କ୍ଷେତ୍ର ୟୁନିଟ ରେ ପୂର୍ବ ସପ୍ତାହରେ ରେକର୍ଡ କରାଯାଇଥିବା ପାଣିପାଗ ସୂଚନା :**

| | |
|---|---|
| ସର୍ବମୋଟ ବୃଷ୍ଟିପାତ (ମିମି) / ବର୍ଷା ଦିନ (୦୧-୦୧-୨୦୨୬ ଠାରୁ) | ୧୪.୨/୦୧ |
| ସାପ୍ତାହିକ ବୃଷ୍ଟିପାତ(ମିମି) / ବର୍ଷା ଦିନ | ୦୦ /୦୦ |
| ସାପ୍ତାହିକ ହାରାହାରି ସର୍ବାଧିକ ତାପମାତ୍ରା (⁰C) | ୩୫.୫ |
| ସାପ୍ତାହିକ ହାରାହାରି ସର୍ବନିମ୍ନ ତାପମାତ୍ରା (⁰C) | ୨୦.୬ |

**କଳାହାଣ୍ଡି ଜିଲ୍ଲା ପାଇଁ ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ :**

| ଜିଲ୍ଲା | ତାରିଖ | ବର୍ଷାର ପରିମାଣ (ମି.ମି.) | ସର୍ବାଧିକ ତାପମାତ୍ରା (⁰ସେ.) | ସର୍ବନିମ୍ନ ତାପମାତ୍ରା (⁰ସେ.) | ଆକାଶରେ ମେଘର ପରିମାଣ (ଅକଟା) | ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (%) | ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (%) | ପବନର ବେଗ (କି.ମି. ପ୍ରତି ଘଣ୍ଟା ) | ପବନର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|---|
| କଳାହାଣ୍ଡି | ୨୮-୦୩-୨୦୨୬ | ୪ | ୩୯ | ୨୩ | ୩ | ୭୪ | ୧୫ | ୭ | ୧୫୬ |
| | ୨୯-୦୩-୨୦୨୬ | ୦ | ୩୯ | ୨୩ | ୧ | ୭୧ | ୧୪ | ୩ | ୧୨୪ |
| | ୩୦-୦୩-୨୦୨୬ | ୦ | ୩୮ | ୨୨ | ୦ | ୭୦ | ୧୪ | ୯ | ୧୭୮ |
| | ୩୧-୦୩-୨୦୨୬ | ୦.୧ | ୩୮ | ୨୨ | ୧ | ୭୧ | ୧୬ | ୭ | ୧୭୨ |
| | ୦୧-୦୪-୨୦୨୬ | ୨.୩ | ୩୭ | ୨୨ | ୩ | ୬୨ | ୧୯ | ୮ | ୧୮୩ |

**ଅଧିକ ସୂଚନା ପାଇଁ ପାଣିପାଗ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର ସହିତ ଯୋଗାଯୋଗ କରନ୍ତୁ ଫୋନ.#୦୬୭୪ - ୨୫୯୬୧୧୬**

**ଆଗାମୀ ପାଞ୍ଚ ଦିନର ପାଣିପାଗ ସଂକ୍ଷିପ୍ତସାର/ସତର୍କ ସୂଚନା**

ଭାରତ ପାଣିପାଗ ବିଭାଗର ଉପରୋକ୍ତ ପାଞ୍ଚ ଦିନର ଆକଳନ ଅନୁସାରେ ଆସନ୍ତାକାଲି ମଧ୍ୟରେ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ସହିତ ପରବର୍ତ୍ତୀ ତିନିଦିନରେ ପାଗ ମୁଖ୍ୟତଃ ଶୁଖିଲା ରହିବାର ସମ୍ଭାବନା ରହିଛି। ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ଆକାଶ ମୁଖ୍ୟତଃ ନିର୍ମଳ ରୁ ଆଂଶିକ ମେଘୁଆ ରହିବାର ଆଶଙ୍କା ରହିଛି । ଏହି ଦିନ ଗୁଡ଼ିକରେ ପବନ ଦକ୍ଷିଣ-ପୂର୍ବ ରୁ ଦକ୍ଷିଣ ଦିଗରେ ଘଣ୍ଟା ପ୍ରତି ୦୩ ରୁ ୦୮ କି.ମି. ବେଗରେ ବହିବାର ଆଶଙ୍କା ରହିଛି । ଆସନ୍ତା ପାଞ୍ଚ ଦିନରେ ଦିନର ସର୍ବାଧିକ ତାପମାତ୍ରା ହାରାହାରି ୩୭ ରୁ ୩୯ ଡିଗ୍ରୀ ସେ. ଓ ସର୍ବନିମ୍ନ ତାପମାତ୍ରା ୨୨ ରୁ ୨୩ ଡିଗ୍ରୀ ସେ. ଏବଂ ସର୍ବାଧିକ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ୬୪ ରୁ ୭୧ % ଓ ୧୪ ରୁ ୧୯ % ରହିବ ବୋଲି ଆଶଙ୍କା ରହିଛି ।

**ଚେତାବନୀ : ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ସହିତ ଘଣ୍ଟାପ୍ରତି ୩୦ ରୁ ୪୦ କି.ମି ବେଗରେ ଝଟକା ପବନ ବହିବାର ସମ୍ଭାବନା ରହିଛି (ଆସନ୍ତାକାଲି ସକାଳ ୮.୩୦ ପର୍ଯ୍ୟନ୍ତ ବୈଧ) ।**

**ପାଣିପାଗ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର ଦ୍ୱାରା ପ୍ରସ୍ତୁତ ଓଡ଼ିଶାରେ ଆଗାମୀ ଦୁଇ ସପ୍ତାହ ପାଇଁ ପାଣିପାଗ ପୂର୍ବାନୁମାନ:**

- **ପ୍ରଥମ ସପ୍ତାହ (୨୭ ମାର୍ଚ୍ଚ ରୁ ୦୨ ଅପ୍ରେଲ, ୨୦୨୬):** ଆସନ୍ତା ପ୍ରଥମ ସପ୍ତାହରେ କିଛି ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା କିମ୍ବା ବଜ୍ରପାତ ସହିତ ବର୍ଷା ହେବାର ସମ୍ଭାବନା ରହିଛି । ଦିନର ସର୍ବାଧିକ ତାପମାତ୍ରା ଉତ୍ତର ଉପକୂଳବର୍ତ୍ତୀ ଜିଲ୍ଲା ଏବଂ ତତ୍ ସଂଲଗ୍ନ ଜିଲ୍ଲା ଗୁଡ଼ିକରେ ୩୪ ରୁ ୩୬ ଡ଼ିଗ୍ରୀ.ସେ, ଅଧିକାଂଶ ଆଭ୍ୟନ୍ତରୀଣ ଜିଲ୍ଲାରେ ୩୬ ରୁ ୩୮ ଡ଼ିଗ୍ରୀ.ସେ ଏବଂ ଆଭ୍ୟନ୍ତରୀଣ ଜିଲ୍ଲା ଗୁଡ଼ିକର ପଶ୍ଚିମାଞ୍ଚଳରେ ୩୮ ରୁ ୪୦ ଡ଼ିଗ୍ରୀ.ସେ ରହିବାର ସମ୍ଭାବନା ରହିଛି । ପ୍ରଥମ ସପ୍ତାହ ମଧ୍ୟରେ ଓଡ଼ିଶାର ଅଧିକାଂଶ ଉପକୂଳବର୍ତ୍ତୀ ଏବଂ ଏହାର ସଂଲଗ୍ନ ଜିଲ୍ଲାଗୁଡ଼ିକରେ ସର୍ବନିମ୍ନ ତାପମାତ୍ରା ୨୨-୨୪ ଡ଼ିଗ୍ରୀ.ସେ ମଧ୍ୟରେ ରହିବାର ସମ୍ଭାବନା ଅଛି। ଆଭ୍ୟନ୍ତରୀଣ ଓଡ଼ିଶାର ଅଧିକାଂଶ ଭାଗରେ ସର୍ବନିମ୍ନ ତାପମାତ୍ରା ୨୦-୨୨ ଡ଼ିଗ୍ରୀ.ସେ ମଧ୍ୟରେ ରହିବାର ସମ୍ଭାବନା ଅଛି।
- **ଦ୍ୱିତୀୟ ସପ୍ତାହ (୦୩ ଅପ୍ରେଲ ରୁ ୦୭ ଅପ୍ରେଲ, ୨୦୨୬):** ଆସନ୍ତା ଦ୍ୱିତୀୟ ସପ୍ତାହରେ ମଧ୍ୟ କିଛି ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା କିମ୍ବା ବଜ୍ରପାତ ସହିତ ବର୍ଷା ହେବାର ସମ୍ଭାବନା ରହିଛି । ଉପକୂଳ ଓଡ଼ିଶାର ଅଧିକାଂଶ ଭାଗରେ ସର୍ବାଧିକ ତାପମାତ୍ରା ୩୬-୩୮ ଡ଼ିଗ୍ରୀ.ସେ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ୩୮-୪୦ ଡ଼ିଗ୍ରୀ.ସେ ମଧ୍ୟରେ ରହିବାର ସମ୍ଭାବନା ରହିଛି । ଉପକୂଳ ଓଡ଼ିଶାରେ ସର୍ବନିମ୍ନ ତାପମାତ୍ରା ୨୪-୨୬ ଡ଼ିଗ୍ରୀ.ସେ, ଆଭ୍ୟନ୍ତରୀଣ ଓଡ଼ିଶାରେ ଏହା ୨୨-୨୪ ଡ଼ିଗ୍ରୀ.ସେ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାର ପଶ୍ଚିମାଞ୍ଚଳରେ ତାପମାତ୍ରା ୨୦-୨୨ ଡ଼ିଗ୍ରୀ.ସେ ରହିବାର ସମ୍ଭାବନା ଅଛି।

## କଳାହାଣ୍ଡି ଜିଲ୍ଲା ପାଇଁ ପାଣିପାଗ ଭିତ୍ତିକ କୃଷି ପରାମର୍ଶ

**ସାଧାରଣ ପରାମର୍ଶ**

- ପାଣିପାଗ ପୂର୍ବାନୁମାନକୁ ଦୃଷ୍ଟିରେ ରଖି, ପାକଳ ହୋଇଥିବା ଡାଲି ଜାତୀୟ ଏବଂ ତୈଳବୀଜ ଫସଲକୁ ତୁରନ୍ତ ଅମଳ କରନ୍ତୁ। ଏହାପରେ ସେଗୁଡ଼ିକୁ ଖରାରେ ଭଲଭାବେ ଶୁଖାଇ ନିରାପଦ ସ୍ଥାନରେ ସଂରକ୍ଷିତ ରଖନ୍ତୁ।
- ପାଗ ଶୁଖିଲା ଏବଂ ଖରାଟିଆ ହେଲେ ହିଁ ସାର ଏବଂ କୀଟନାଶକ ପ୍ରୟୋଗ କାର୍ଯ୍ୟ ପୁନର୍ବାର ଆରମ୍ଭ କରନ୍ତୁ।
- ମାଟିର ଆର୍ଦ୍ରତା ବଜାୟ ରଖିବା ଏବଂ ଘାସ ନିୟନ୍ତ୍ରଣ ପାଇଁ ପନିପରିବା କ୍ଷେତ ଓ ଫଳ ବଗିଚାରେ 'ମଲ୍‌ଚିଂ' (Mulching) ବ୍ୟବସ୍ଥା କରନ୍ତୁ।

- ତାପମାତ୍ରା ବଢ଼ିବା ଯୋଗୁଁ କୀଟପତଙ୍ଗ ବଂଶ ବୃଦ୍ଧି ହେବାର ସମ୍ଭାବନା ଥାଏ, ତେଣୁ ନିୟମିତ ଭାବେ ଫସଲ ତଦାରଖ କରନ୍ତୁ।

| ସଂକ୍ଷିପ୍ତ ବାର୍ତା | | ▪ ଆମ୍ବ ବଗିଚାରେ ଫଳ ଝଡ଼ିବାକୁ ନିୟନ୍ତ୍ରଣ କରିବା ପାଇଁ ୨ ମିଲି ପ୍ଲାନୋଫିକ୍ସ ୨୦ ପିପିଏମ୍ କୁ ୪.୫ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ । |
|---|---|---|
| **ଫସଲ ଓ ପ୍ରାଣୀସମ୍ପଦ ସମ୍ବନ୍ଧୀୟ ପରାମର୍ଶ** | | |
| **ଫସଲ ର ନାମ** | **ଫସଲ ଅବସ୍ଥା** | **ପରାମର୍ଶ** |
| **କ୍ଷେତ୍ର ଫସଲ** | | |
| **ଡାଲୁଅ ଧାନ** | **ଥୋଡ଼ ବାହାରିବା ଅବସ୍ଥା** | ▪ ଥୋଡ଼ ବାହାରିବା ଅବସ୍ଥାରେ (ରୁଆ ଠାରୁ ୭ ରୁ ୯ ସପ୍ତାହ ମଧ୍ୟରେ) ଏକର ପିଛା ସ୍ୱଳ୍ପ ଅବଧି କିସମ ପାଇଁ ୧୩ କି.ଗ୍ରା ୟୁରିଆ ସହିତ ୮ କି.ଗ୍ରା ଏମଓପି ଏବଂ ମଧ୍ୟମ ଅବଧି କିସମ ପାଇଁ ୧୮ କି.ଗ୍ରା ୟୁରିଆ ସହିତ ୧୨ କି.ଗ୍ରା ଏମଓପି ସାରକୁ ଦ୍ୱିତୀୟ ଦଫା ସାର ହିସାବରେ ପ୍ରୟୋଗ କରନ୍ତୁ।<br>▪ **ଉକୁଣିଆ ପୋକ** : ଉଚ୍ଚ ତାପମାତ୍ରା ହେତୁ ଧାନରେ ଉକୁଣିଆ ପୋକର ଉପସ୍ଥିତି ଦେଖା ଦେଇପାରେ । ନିୟନ୍ତ୍ରଣ ପାଇଁ ଏକର ପିଛା ୪୦ ଗ୍ରା. ଥିଓମେଥୋକ୍ସମ୍ ୨୫% ଡବ୍ଲୁ .ଜି କୁ ପ୍ରତି ୨୦୦ ଲିଟର ପାଣିରେ ମିଶ୍ରଣ କରି ସିଂଚନ କରନ୍ତୁ। |
| **ମୁଗ ଓ ବିରି** | **ଛୁଇଁ ବାହାରିବା ରୁ ପାକଳ ଅବସ୍ଥା** | ▪ ୭୦ ରୁ ୮୦ ଭାଗ ଛୁଇଁ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ ଏବଂ ଅମଳ ପରେ ମଞ୍ଜିକୁ ଖରାରେ ଭଲଭାବରେ ଶୁଖାନ୍ତୁ ଯେପରିକି ମଞ୍ଜିରେ ୮ ରୁ ୧୦ ଭାଗ ଜଳୀୟ ଅଂଶ ରହିବ ।<br>▪ ଛୁଇଁ ଅମଳ ପରେ ଗଛର ଅବଶେଷ ଗୁଡ଼ିକୁ ମାଟିରେ ଚାଷ କରି ମିଶାଇ ଦିଅନ୍ତୁ । ଏହାଦ୍ୱାରା ମାଟିର ଉର୍ବରତା ବଢିଥାଏ ।<br>▪ ଅମଳ ହେଇଥିବା ମଞ୍ଜିକୁ ସୁରକ୍ଷିତ ସ୍ଥାନରେ ରଖନ୍ତୁ । ପୋକ ଦାଉରୁ ସୁରକ୍ଷିତ ରଖିବା ପାଇଁ ପ୍ରତି ଏକ କିଲୋଗ୍ରାମ ମଞ୍ଜି କୁ ୨ ମିଲି ସୋରିଷ ତେଲ ସହିତ ଭଲ ଭାବରେ ମିଶାଇ ରଖନ୍ତୁ । |
| **ସୋରିଷ** | **ପାକଳ ଅବସ୍ଥା** | ▪ ୭୦ ରୁ ୮୦ ଭାଗ ଛୁଇଁ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ ଏବଂ ଅମଳ ପରେ ଛୁଇଁକୁ ଖରାରେ ଭଲଭାବରେ ଶୁଖାନ୍ତୁ ଯେପରିକି ମଞ୍ଜିରେ ୮ ରୁ ୧୦ ଭାଗ ଜଳୀୟ ଅଂଶ ରହିବ ।<br>▪ ସୋରିଷ ଅଧିକ ପାକଳ ହୋଇଗଲେ ଛୁଇଁ ଫୁଟି ଯାଇ ମଞ୍ଜି ବାହାରକୁ ବାହାରି ଆସିବାର ସମ୍ଭାବନା ରହିଥାଏ। ତେଣୁ ଏହି ଭଳି କ୍ଷତି କୁ ଏଡ଼ାଇବା ପାଇଁ ଛୁଇଁ ଫୁଟିବା ପୂର୍ବରୁ ସକାଳ ସମୟରେ ଅମଳ କରିବା ଉଚିତ୍।<br>▪ ଅମଳ ହୋଇଥିବା ଛୁଇଁ କୁ ଖରାରେ ଶୁଖାଇ ସରିବା ପରେ କାଠ ପଟାରେ ବାଡ଼େଇ ମଞ୍ଜିକୁ ଛୁଇଁ ରୁ ଅଲଗା କରନ୍ତୁ। |
| **ଚିନାବାଦାମ** | **ପାକଳ ଅବସ୍ଥା** | ▪ ମାଟିରେ ଜଳୀୟଅଂଶ ନଥିଲେ ଅମଳ ପୂର୍ବରୁ ହାଲୁକା ଜଳସେଚନ କରନ୍ତୁ ଯଦ୍ୱାରା ଅମଳ ବେଳେ ଖୋସା ଛିଡ଼ିଯାଇ ମାଟିରେ ରହି ନଥାଏ ଏବଂ ସହଜରେ ଗଛ ଉପାଡ଼ି ହେଇଯାଏ।<br>▪ ବାଦାମ ଗଛ ଉପାଡ଼ି ଫଳକୁ ତୁରନ୍ତ ଅଲଗା ନକରି ଜମିରେ ୫ ରୁ ୭ ଦିନ ଶୁଖାଇ ରଖିଲେ ଗଛରେ ଥିବା ସଂଗୃହୀତ ଖାଦ୍ୟ ଫଳ ମଧ୍ୟକୁ ପ୍ରବେଶ କରି ଦାନାର ଓଜନ ବଢାଇ ଥାଏ । |
| **ଉଦ୍ୟାନ କୃଷି** | | |
| **ପିଆଜ** | **ଆକାର ବୃଦ୍ଧି ରୁ ପାକଳ ଅବସ୍ଥା** | ▪ **ବାଦାମୀ ବ୍ଲୋଚ୍ (ପରପଲ ବ୍ଲୋଚ୍) :** ଏହି ରୋଗର ନିୟନ୍ତ୍ରଣ ପାଇଁ ଡାଇଫେନୋକୋନାଜୋଲ୍ ୨୫% ଇ.ସି କିମ୍ବା ଟେବୁକୋନାଜୋଲ୍ ୨୫.୯% ଇ.ସି କିମ୍ବା କିଟାଜିନ୍ ୪୮% ଇ.ସି କୁ ୧ ମିଲିଗ୍ରାମ ହିସାବରେ ପ୍ରତି ଏକ ଲିଟର ପାଣିରେ ମିଶ୍ରଣ କରି ସିଞ୍ଚନ କରନ୍ତୁ । ପିଆଜ ଗଛର ପତ୍ର ଅଧିକ ଚିକ୍କଣ ହୋଇଥିବାରୁ ଔଷଧ ସହିତ ପ୍ରତି ଏକ ଲିଟର ପାଣିରେ ୦.୫ ରୁ ୧ ମିଲିଗ୍ରାମ ଷ୍ଟିକର୍ କିମ୍ବା ସ୍ପ୍ରେଡ଼ର ମିଶାଇ ସିଞ୍ଚନ କରନ୍ତୁ । |
| **ବାଇଗଣ** | **ଫୁଲ ରୁ ଫଳ ଅବସ୍ଥା** | ▪ **ଧଳା ମାଛି:** ନିୟନ୍ତ୍ରଣ ପାଇଁ ଅଙ୍ଗୀୟ ଅବସ୍ଥାରେ ଏକର ପ୍ରତି ୮-୧୦ ଟି ଅଠା ଲାଗିଥିବା ହଳଦିଆ ଯନ୍ତା ବ୍ୟବହାର କରନ୍ତୁ । ସଂକ୍ରମିତ ହେବାର ପ୍ରଥମ ଅବସ୍ଥାରେ ୩୦ ମି.ଲି ନିମ୍ବ ଆଧାରିତ କୀଟନାଶକ (ଆଯାଡିରାକଟିନ୍ ୧୫୦୦ ପିପିଏମ୍ ) କୁ ପ୍ରତି ୧୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। |
| **ଲଙ୍କା** | **ଫୁଲ ରୁ ଫଳ ଅବସ୍ଥା** | ▪ **ଫଳବିନ୍ଧା ପୋକ:** ନିୟନ୍ତ୍ରଣ ପାଇଁ ପାଇଁ ଅଙ୍ଗୀୟ ଅବସ୍ଥାରେ ଏକର ପ୍ରତି ୮ ଟି ହେଲି ଲିଓର ଲାଗିଥିବା ଫେରୋମୋନ ଟ୍ରାପ୍ ବା ସଙ୍ଗ ଆକର୍ଷକ ଜନ୍ତା ଲଗାନ୍ତୁ ଏବଂ ତିନି ସପ୍ତାହ ପରେ ଲିଓର କୁ ବଦଳାଇ ଦିଅନ୍ତୁ । |
| **ଆମ୍ବ** | ଫଳ ବିକଶିତ ଅବସ୍ଥା | ▪ ଆମ୍ବ ବଗିଚାରେ ଫଳ ଝଡ଼ିବାକୁ ନିୟନ୍ତ୍ରଣ କରିବା ପାଇଁ ୨ ମିଲି ପ୍ଲାନୋଫିକ୍ସ ୨୦ ପିପିଏମ୍ କୁ ୪.୫ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ।<br>▪ ଫିମ୍ପି ଜାତୀୟ ବା କବକ ଜନିତ ରୋଗର ନିୟନ୍ତ୍ରଣ ପାଇଁ ୫ ମିଲିଗ୍ରାମ କାରାଥେନ କୁ ୧୦ ଲିଟର ପାଣିରେ ମିଶ୍ରଣ କରି ସିଞ୍ଚନ କରନ୍ତୁ । |
| **ଗୃହ ପାଳିତ ପଶୁ ଓ ପକ୍ଷୀ ପାଳନ** | | |
| **ଗାଈ ଓ ମଇଁଷି** | | ▪ ଅଧିକ ଦୁଗ୍ଧ (୧୦ - ୧୫ ଲିଟର) ଦେଉଥିବା ଗାଈ ମାନଙ୍କୁ ଖାଦ୍ୟରେ ତନ୍ତୁ ପରିମାଣକୁ ହ୍ରାସ କରି ୫ ରୁ ୧୦ ପ୍ରତିଶତ |

| | |
|---|---|
| | ଚର୍ବି ବା ତୈଳ ଜାତୀୟ ଖାଦ୍ୟ ମିଶାଇ ଦେବା ଉଚିତ। ଭିଟାମିନ ଏ ଓ ଇ ଖାଦ୍ୟରେ ମିଶାଇ ପଶୁମାନଙ୍କୁ ଦେଲେ ଲାଭ ଦାୟକ ହେଇଥାଏ। ବର୍ତମାନର ପାଗକୁ ଦୃଷ୍ଟିରେ ରଖି ଦୁଧିଆଳୀ ଗାଇ ଓ ମଇଁଷି ମାନଙ୍କୁ ଦିନବେଳା ଦୁଇ ରୁ ତିନି ଥର ତାଙ୍କ ଉପରେ ପାଣି ସିଞ୍ଚନ କରି ଓଦା କରନ୍ତୁ। |
| **ଛେଳି ଓ ମେଣ୍ଢା** | ▪ ବର୍ତମାନ ର ପାଗକୁ ଲକ୍ଷ୍ୟ କରି ବାହାରକୁ ଚରାଇବାକୁ ନେଉଥିବା ଛେଳି ଓ ମେଣ୍ଢା ମାନଙ୍କୁ ଦିନ ୧୧ ଟା ପୂର୍ବରୁ ଗୁହାଳକୁ ନେଇ ଆସନ୍ତୁ ଓ ଅପରାହ୍ନ ୪ଟା ପରେ ପୁନର୍ବାର ଚରାଇବାକୁ ଛାଡ଼ନ୍ତୁ। |
| **କୁକୁଡ଼ା** | ▪ ବର୍ତମାନ ପାଗରେ କୁକୁଡ଼ା ରଖୁଥିବା ଘରକୁ ଦିନବେଳା ପରଦା ଢାଙ୍କି ଗରମ ପବନରୁ କୁକୁଡ଼ା ମାନଙ୍କୁ ରକ୍ଷା କରନ୍ତୁ। ଆବଶ୍ୟକ ସ୍ଥଳେ କୁକୁଡ଼ା ମାନଙ୍କ ଉପରେ ଦିନରେ ୨ ରୁ ୩ ଥର ପାଣି ସିଞ୍ଚନ କରନ୍ତୁ। |

ନୋଡାଲ ଅଫିସର

ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା

ବି.ଦ୍ର.:- ସ୍ଥାନୀୟ ପାଣିପାଗ ସମ୍ବନ୍ଧୀୟ ତଥ୍ୟ ପାଇଁ "ମଉସମ", ପାଣିପାଗ ଭିତିକ କୃଷି ସୂଚନା ପାଇଁ "ମେଘଦୂତ" ଓ ବିଜୁଳି ସତର୍କ ସୂଚନା ପାଇଁ "ଦାମିନୀ" ମୋବାଇଲ ଆପ୍ଲିକେସନ ବ୍ୟବହାର କରନ୍ତୁ।

କୃଷିରେ ଅଧିକତର ଲାଭ ନିମନ୍ତେ ଓୟୁଏଟି କଳିଙ୍ଗ ଦ୍ରବ୍ୟ ବ୍ୟବହାର କରନ୍ତୁ (ବିହନ, ଚାରା ଓ ଗୁଣାତ୍ମକ ବୃକ୍ଷରୋପଣ ସାମଗ୍ରୀ, ଟିସୁ କଲ୍ଚର ଚାରା, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ , ଅଙ୍ଗୁଳିକା ଯାଆଁଳ/ ବର୍ଷିକୀୟା ଯାଆଁଳ, କୁକୁଡ଼ା ଚିଆଁ, ପଶୁ ପ୍ରଜାତି, ଛତୁ ଓ ମଞ୍ଜି , ଜୀବାଣୁ ସାର , ଜୈବିକ କୀଟନାଶକ , ଜିଆ ଓ ଜିଆଖତ ଏବଂ କୃଷି ଯନ୍ତ୍ରପାତି).

ଭାରତୀୟ ପାଣିପାଗ ସଂସ୍ଥା ର ପାଣିପାଗ ଆକଳନ ଓ କୃଷିପାଣିପାଗ ଜନିତ ସୂଚନା ଏବେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ମେଘଦୂତ ଆପ ରେ ଉପଲବ୍ଧ । ଆପ ଡାଉନଲୋଡ କରିବା ପାଇଁ ନିମ୍ନ ଲିଙ୍କରେ କ୍ଲିକ କରନ୍ତୁ ।

**(Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)**